# ଆଜିଠାରୁ ଗଜଉଦ୍ଧାରଣ ବେଶରେ ଦର୍ଶନ


ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି।


ଲକ୍ଷ୍ମୀ ନାରାୟଣ ପୂଜା ପାଇଁ ନିର୍ମିତ ତୋରଣ।

## ୬୯ତମ ଲକ୍ଷ୍ମୀନାରାୟଣ ପୂଜା ପ୍ରସ୍ତୁତି ଚୂଡ଼ାନ୍ତ

**ରସୁଲପୁର,୧୫।୧୨(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅଞ୍ଚଳର କୁଆଖିଆ ବାଜରଠାରେ ୬୯ବର୍ଷ ଧରି ଲକ୍ଷ୍ମୀ ନାରାୟଣଙ୍କ ଗଜଉଦ୍ଧାରଣ ପୂଜା ଅନୁଷ୍ଠିତ ହୋଇଆସୁଛି। ଏହି ପୂଜାକୁ ବ୍ଲକ ଅଞ୍ଚଳର ଗଣପୂଜା ଭାବେ ପାଳନ କରାଯାଉଛି। ବିଧି ମୁତାବକ ପ୍ରଭୁଙ୍କ ପୂଜା ସପ୍ତାହବ୍ୟାପୀ ପାଳିତ ହେବ। ମାତ୍ର ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଚାହିଦାକୁ ଦୃଷ୍ଟି ଦେଇ ପୂଜାକୁ ୨୧ଦିନ ଧରି ପାଳନ କରାଯାଇଆସୁଛି। ଏହିଧାରାରେ ୧୬ତାରିଖ ଧନୁସଂକ୍ରାନ୍ତି ତିଥି ଶନିବାରଠାରୁ ଲକ୍ଷ୍ମୀନାରାୟଣ ଭକ୍ତଙ୍କୁ ଗଜଉଦ୍ଧାରଣ ବେଶରେ ଦର୍ଶନ ଦେବେ। ଏଥିସକାଶେ ପୂଜାକମିଟି ଓ ଶାନ୍ତିକମିଟି ପକ୍ଷରୁ ପ୍ରସ୍ତୁତି ବୃତ୍ତାନ୍ତ ପର୍ଯ୍ୟାରେ ପହଞ୍ଚିଛି। ଘଟ ସ୍ଥାପନ ପାଇଁ ମୁଖ୍ୟ ପଣ୍ଡିତ କେଶବ ରଥଶର୍ମା, ସହଯୋଗୀ ଜୟପ୍ରକାଶ ମିଶ୍ର, ବିଜୟକେତନ ପଣ୍ଡା ପ୍ରମୁଖ ମାହେନ୍ଦ୍ରବେଳା ଅପରାହ୍ନ ୫ଘଟିକାକୁ ସ୍ଥିର କରିଛନ୍ତି। ଅପରାହ୍ନ ୪ଟାରୁ କଳସଶୋଭାଯାତ୍ରା ହେବ। ମୁଖ୍ୟ କଳସଧାରୀ ନାରାୟଣ ସାହୁଙ୍କ ନେତୃତ୍ୱରେ ଅନ୍ୟ କଳସଧାରୀମାନେ ବିରାଟ ପଟୁଆରରେ ଓରାଳି ପୁଷ୍କରଣୀକୁ ଯାତ୍ରା ଆରମ୍ଭ କରିବେ। ଉକ୍ତ ଶୋଭାଯାତ୍ରା ପାଇଁ ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି କରାଯାଇଛି।

କୁଆଖିଆ, ସାନଓରାଳି, ସାରଙ୍ଗପୁର, ଗରିପୁର, ଚଣ୍ଡିପୁର, କୋଳଥଳ, ରସୁଲପୁର ଆଦି ଗ୍ରାମର ଯୁବକମାନେ ଯୋଗଦେଇ ଶୋଭାଯାତ୍ରାକୁ ପରିଚାଳନା କରିବେ। ଶୋଭାଯାତ୍ରାକାରୀ ଶୁକ୍ଳବସ୍ତ୍ର ପରିଧାନ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଓରାଳି ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ପୂଜାପୀଠରେ ସ୍ଥାପନ କରାଯିବା ପରେ ପୂଜା ଆରମ୍ଭ ହେବ। କଳସ ଶୋଭାଯାତ୍ରା ସମୟରେ ବିଭିନ୍ନ ବାଜାର ରୋସଣି, ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭଜନସଂକୀର୍ତ୍ତନ ପରିବେଷଣ, ବାଡ଼ିଖେଳ, ଆତସବାଜୀ ଭଳି ନାନା ପ୍ରକାର ପାରମ୍ପାରିକ ଓ ଧାର୍ମିକ ଧାରା ଉପରେ ଆଧାରିତ କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ କୁଆଖିଆ ପୋଲିସ ଓ ଶାନ୍ତକମିଟିର ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇସାରିଛି। ଏମାନେ ସମସ୍ତେ ଶୋଭାଯାତ୍ରା ସମୟରେ ସଜାଗ ରହି ପୂଜାକୁ ପରିଚାଳନା କରିବେ ବୋଲି କୁହାଯାଇଛି। ସନ୍ଧ୍ୟାରେ ଘଟସ୍ଥାପନ, ଚକ୍ଷୁଦାନ, ଜୀବନ୍ୟାସ, ପ୍ରାଣପ୍ରତିଷ୍ଠା, ଉପଚାରପୂଜା, ହୋମଯଜ୍ଞ ଅନୁଷ୍ଠିତ ହେବ। ପ୍ରଭୁଙ୍କ ଦର୍ଶନ ସକାଶେ ଭକ୍ତଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ କରାଯିବ। ମାନସିକଧାରୀ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବେ।

ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିବସରେ ପ୍ରଭୁଙ୍କ ନିକଟରେ ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋ-ପୂଜା, ମହାସ୍ନାନ ଓ ହୋମଯଜ୍ଞ ଅନୁଷ୍ଠିତ ହେବ। ଚତୁର୍ଥ ଦିବସରେ ସତ୍ୟନାରାୟଣ ପୂଜା, ପଞ୍ଚମ ଦିବସରେ ଲକ୍ଷ୍ମୀ ନାରାୟଣଙ୍କ ରାଜଉପଚାର ପୂଜା, ଗୀତାଧ୍ୟେୟୀ, ସପ୍ତଶତ ମୂଳମନ୍ତ୍ର ହୋମ, ଷଷ୍ଠ ଦିବସରରେ ଦେବୀଦେବଙ୍କ ଉଦ୍ଦେଶ୍ୟରେ କନକଧାରୀ ପୂଜା, କମଳାତ୍ମିକ ପୂଜା, ଶ୍ରୀସୂକ୍ତ ହୋମ, ପୁରୁଷସୂକ୍ତ ହୋମ, ଶାନ୍ତିସୂକ୍ତ ହୋମ ଆଦି ପୂଜାକାର୍ଯ୍ୟ ଅନୁଷ୍ଠିତ ହେବ। ସପ୍ତମ ଦିବସରେ ସହସ୍ରାସପ୍ତାଙ୍ଗ ହୋମ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

ପ୍ରତ୍ୟେହ ସନ୍ଧ୍ୟାରେ ପ୍ରଭୁଙ୍କୁ ନିକଟରେ ଆଳତି ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ପୂଜା ଜାନୁୟାରୀ ୫ରେ ଉଦ୍‌ଯାପିତ ହେବ। ସପ୍ତ ଦିବସବ୍ୟାପୀ ପାରମ୍ପାରିକ ପୂଜାବିଧି ପରେ ବାକି ଦିବସରେ ପ୍ରଭୁଙ୍କ ନିକଟରେ ଶାସ୍ତ୍ରବିଧି ମୁତାବକ ପୂଜାକାର୍ଯ୍ୟ ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ପ୍ରଭୁଙ୍କ ଦ୍ୱାର ଉନ୍ମୁକ୍ତ ରଖାଯିବ। ପୂଜା ଅବସରରେ କମିଟି ପକ୍ଷରୁ ସାଂସ୍କୃତିକ ମଞ୍ଚ ସ୍ଥାପନ କରାଯାଇଛି। ୩ ସପ୍ତାହ ବ୍ୟାପୀ ମଞ୍ଚରେ ଭଜନ ସନ୍ଧ୍ୟା, ପ୍ରବଚନ, ପାଲା, ଦାସକାଠିଆ, ମେଲୋଡି, ଯୋଗକାର୍ଯ୍ୟକ୍ରମ, ଗୀତାବେଦ ଆଦି ଧର୍ମଗ୍ରନ୍ଥ ଉପରେ ଆଲୋଚନା ଓ ସ୍ଥାନୀୟ ଅଞ୍ଚଳର ଡ୍ରାମାଟିକ୍ କ୍ଲବ ପକ୍ଷରୁ ଯାତ୍ରା ପରିବେଷଣ ଭଳି ନାନା ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପୂଜା ଆରମ୍ଭ ଦିନରୁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ମିଳିଛି।


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ତୋଷ


@ ଗୋକୁଳ


@ ସତ୍ୟବ୍ରତ


@ ଶିବାଶିଷ


@ ଚନ୍ଦ୍ରକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁସ୍ତକ ମଣିଷ ପଣିଆ ଉଦ୍ରେକ କରାଏ


ଅତିଥି କଳାକାରମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

## କଳିଙ୍ଗନଗର ପୁସ୍ତକ ମେଳାର ୨ୟ ସନ୍ଧ୍ୟା

**ଯାଜପୁରରୋଡ୍,୧୫।୧୨(ପବିତ୍ର ରଞ୍ଜନ ମହାନ୍ତି )**

୮ ମ ରାଜ୍ୟସ୍ତରୀୟ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ୟାସନଗର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ଯୋଗଦେଇ ପୁସ୍ତକକୁ ବନ୍ଧୁ କରାଗଲେ ତାହା ମଣିଷ ପଣିଆର ଉଦ୍ରେକ କରାଏ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତାଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ପୁସ୍ତକ ସମାଜର ମାର୍ଗଦର୍ଶକ ଓ ଏହାର ବିକଳ୍ପ ନାହିଁ ବୋଲି ମତଦେଇ ଆମର ପୌରାଣିକ ପୁସ୍ତକ ଭାଗବତ, ରାମାୟଣ ଏବଂ ଲକ୍ଷ୍ମୀପୁରାଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ମେଳାର ଉପସଭାପତି ଅଧ୍ୟାପକ ଡା. ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି ପୁସ୍ତକର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ବୀରକିଶୋର ସାହୁ, ହୃଷୀକେଶ ସାହୁ, ଅଶ୍ୱିନୀ ଦାସ, ଜ୍ଞାନରଞ୍ଜନ ରାଉତ, ପବିତ୍ର ରଞ୍ଜନ ମହାନ୍ତି, ଅଶୋକ ଖିଲାର, ଅକ୍ଷୟ କୁମାର ଦେଓ, ପ୍ରଦ୍ୟୁମ୍ନ ବୋଇଇତାଇ, ଚନ୍ଦ୍ରମଣି ସାମଲ ଓ ମଧୁସୂଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳା ଉପଦେଷ୍ଟା ଅଭିମନ୍ୟୁ ମିଶ୍ର ଧନ୍ୟବାଦ ଦେଇଥିଲେ। ନାଟ୍ୟକାର ବିକାଶ ଦାସଙ୍କ ନେତୃତ୍ୱରେ ଝୁମୁକା ଡ୍ୟାନ୍ସ ଏକାଡେମୀ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା କଳାକାରମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଖେଳକୁଦରେ ଅଂଶଗ୍ରହଣ ପାଇଁ ୧୩୩୯ ଦଳର ଆବେଦନ

**ଧର୍ମଶାଳା,୧୫।୧୨(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା ଖେଳକୁଦ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ୧୩୩୯ ଦଳ ଅନ୍‌ଲାଇନରେ ଆବେଦନ କରିଛନ୍ତି। ଏଥିରେ ୧୧୫୯ ପୁରୁଷ ଓ ୧୮୦ ମହିଳା ଦଳ ରହିଛନ୍ତି। ରାଜ୍ୟରେ ଏହା ସର୍ବାଧିକ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ମୁତାବକ, କ୍ରିକେଟ ମ୍ୟାଚ୍‌ରେ ୪୦୮ ପୁରୁଷ ଓ ୧୬ ମହିଳା ଟିମ ଭାଗ ନେବା ପାଇଁ ଆବେଦନ କରିଛନ୍ତି। ସେହିପରି ଫୁଟବଲ ପାଇଁ ୨୯୬ ପୁରୁଷ ଓ ୨୨ଟି ମହିଳା ଟିମ, ହକି ପାଇଁ ପରୁଷରେ ୧୬ ଓ ମହିଳାରେ ୧୧ ଟିମ, କବାଡ଼ିରେ ୧୬୪ ପୁରୁଷ ଓ ୪୩ ମହିଳା ଟିମ୍ ଆବେଦନ କରିଛନ୍ତି। ଖୋଖୋ ପାଇଁ ୬୯ ପୁରୁଷ ଓ ୬୭ ମହିଳା ଟିମ, ଭଲିବଲରେ ୨୦୬ ପୁରୁଷ ଓ ୨୧ ମହିଳା ଟିମ୍ ଆବେଦନ କରିଛନ୍ତି। ଏହି ଖେଳ ଚଳିତ ମାସ ୧୮ରୁ ଆରମ୍ଭ ହୋଇ ୩୦ ତାରିଖରେ ଉଦ୍‌ଯାପିତ ହେବ। ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ, ବାରକଣା, ମଧୁପୁରଗଡ଼, ତରଞ୍ଜିଆ, ବଡ଼କାଏମା ଖେଳ ପଡ଼ିଆରେ କ୍ରିକେଟ ମ୍ୟାଚ୍ ହେବ। ରାଇଛନ୍ଦା, କୃଷ୍ଣପୁର, ଭଗବାନପୁର, ଧର୍ମଶାଳା ମହାବିଦ୍ୟାଳୟ ଖେଳ ପଡ଼ିଆରେ ଭଲିବଲ ମ୍ୟାଚ ଅନୁଷ୍ଠିତ ହେବ। ବାରକଣା, ଜେନାପୁର, ବଡ଼କାଏମା, କୋଟପୁର ହାଇସ୍କୁଲ ଖେଳପଡ଼ିଆ ଓ ଜାରକା କଳ୍ପତରୁ ଦାସ ଷ୍ଟାଡିୟମରେ ଖୋଖୋ ଖେଳ ହେବ। ଧର୍ମଶାଳା ବାଣୀପୀଠ, ଜେନାପୁର ହାଇସ୍କୁଲ, ବଡ଼କାଏମା ଓ ଉତ୍ତରପ୍ରତାପ ଖେଳ ପଡ଼ିଆରେ ଫୁଟବଲ ମ୍ୟାଚ୍ ହେବ। ବାରକଣା, ଜେନାପୁର, ବଡ଼କାଏମା, କୋଟପୁର ହାଇସ୍କୁଲ ଖେଳପଡ଼ିଆ ଓ କଳ୍ପତରୁ ଦାସ ଷ୍ଟାଡିୟମରେ କବାଡ଼ି ଖେଳ ହେବ। ଧର୍ମଶାଳା ବାଣୀପୀଠ ଖେଳପଡିଆ ଓ କଳ୍ପତରୁ ଦାସ ଷ୍ଟାଡିୟମରେ ହକି ଖେଳ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନ ନିରୂପଣ କରାଯାଇଛି ବୋଲି ସୂଚନା ଦିଆଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଓ ଅନ୍ୟଅଧିକାରୀ ଖେଳକୁ ଉଦ୍‌ଘାଟନ କରିବେ ବୋଲି ବିଡିଓ ବଳ ସୂଚନା ଦେଇଛନ୍ତି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

## ଅପହରଣ ଘଟଣାରେ କାଟୁଥିଲେ ସଜା

**ଜୟପୁର,୧୫।୧୨(ପବନ ପାଣିଗ୍ରାହୀ)**

ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ ଅଭିଯୋଗରେ ଜେଲରେ ବିଚାରାଧୀନ କଏଦୀଙ୍କର ଶୁକ୍ରବାର ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରତ୍ନଗିରି ଗ୍ରାମର ସୁବ୍ରତ ତୁଷାର ରଞ୍ଜନ ମଲ୍ଲିକ। ସେ ଜୟପୁର ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ଗତ ୧୨ତାରିଖରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା । ତାଙ୍କୁ ଜେଲ କର୍ତ୍ତୃପକ୍ଷ ପ୍ରଥମେ ଜୟପୁର ଜିଲା ମେଡିକାଲ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରିବା ସମୟରେ ଲକ୍ଷ୍ମୀପୁର ପାଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଲକ୍ଷ୍ମୀପୁର ମେଡିକାଲରେ ଡାକ୍ତର ଦେଖି ମୃତ ଘୋଷଣା କରିଥିଲେ। ଯେହେତୁ ସେ ଜଣେ ବିଚାରାଧୀନ କଏଦୀ ଏଣୁ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ ହେବ। ସମସ୍ତ ଭିଡିଓ ରେକର୍ଡିଂ କରାଯିବ ବୋଲି ଲକ୍ଷ୍ମୀପୁର ଏସ୍‌ଡିପିଓ ସୂଚନା ଦେଇଛନ୍ତି।


ସୁବ୍ରତ ତୁଷାର ରଞ୍ଜନ ମଲ୍ଲିକ

ପ୍ରକାଶ ଯେ, ମୃତକ ଜଣକ ବୋରିଗୁମ୍ମା ବ୍ଲକ ଚମ୍ପାପଦର ହାଇସ୍କୁଲରେ ଶିକ୍ଷକ ଥିଲେ। ୨୦ ମାର୍ଚ୍ଚ ୨୦୨୩ ରେ ଚମ୍ପାପଦର ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ କାଠରଗଡ଼ା ହାଇସ୍କୁଲରୁ ପରୀକ୍ଷା ଦେଇସାରି ଫେରୁଥିବା ବେଳେ ତାଙ୍କୁ ଧରି ଶିକ୍ଷକ ଜଣକ ଫେରାର ହୋଇଯାଇଥିଲେ। ଝିଅ ଘରଲୋକେ ଏ ନେଇ ସିଂହପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଶିକ୍ଷକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ତାଙ୍କ ବିରୋଧରେ ନଂ.୪୦/୨୩ ରେ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଥିଲା ।

# ଅନଶନରୁ ଓହରିଲେ ପିହୁଙ୍କ ମା'

**ଯାଜପୁର ଟାଉନ,୧୫।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ଅଢ଼େଇ ବର୍ଷର ଝିଅ ପିହୁଙ୍କ ନିଖୋଜର ଅନୁସନ୍ଧାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିଥିବା ତାଙ୍କ ମା'ମୋନାଲିସା ନାୟକ ଶୁକ୍ରବାର ଅନଶନରୁ ଓହରି ଯାଇଛନ୍ତି। ଅନଶନର ଦ୍ୱିତୀୟ ଦିନରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ଥାନା ଅଧିକାରୀ ବିଲ୍ଲମଙ୍ଗଳ ସେଠୀ ପହଞ୍ଚି ମୋନାଲିସାଙ୍କ ସହ ଆଲୋଚନା କରିଥିଲେ। ପିହୁଙ୍କୁ ଖୋଜିବା ଲାଗି ପୋଲିସ ପୂର୍ବରୁ ପଦକ୍ଷେପ ନେଇଥିବାବେଳେ ବର୍ତ୍ତମାନ ତାଙ୍କୁ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ଘଟଣା ସମୟରେ ମାମଲାକୁ ବୁଝୁଥିବା ବିଞ୍ଝାରପୁର ଥାନା ଅଧିକାରୀ ଓ ତଦନ୍ତ ଅଧିକାରୀଙ୍କ ଅବହେଳା ବିରୋଧରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ଭଙ୍ଗ କରିଥିବା ମୋନାଲିସା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ପିହୁ ୨୦୨୦ ଅଗଷ୍ଟ ୯ ତାରିଖରେ ତାଙ୍କ ଘର ସମ୍ମୁଖରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ମୋନାଲିସା ଏହାର ତଦନ୍ତ ଦାବିରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

# ନୂଆଶାସନ, କେନ୍ଦ୍ରାପଡ଼ା ବିଜୟୀ

## ଗିରିଧାରୀ, ମନ୍ମଥ ମେମୋରିଆଲ କ୍ରିକେଟ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଛତିଆ,୧୫।୧୨(ସୌମ୍ୟରଞ୍ଜନ ସାହୁ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଅମରାବତି ଖେଳ ପଡ଼ିଆରେ ପାଟଣା କ୍ରିକେଟ କ୍ଲବ ପକ୍ଷରୁ ତୃତୀୟ ଗିରିଧାରୀ ଓ ମନ୍ମଥ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି ଓ ସୋଲର ସମିତି ସଭ୍ୟ ସଞ୍ଜୟ ବେହେରା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ୨ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ନୂଆଶାସନ ଓ ବଡ଼ ଘୁମୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଘୁମୁରୀକୁ ହରାଇ ନୂଆଶାସନ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କେନ୍ଦ୍ରାପଡ଼ା ଓ ବଡ଼ଚଣା ମଧ୍ୟରେ ହୋଇଥିଲା। ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସୁକାନ୍ତ ପ୍ରଧାନ, ହୃଦାନନ୍ଦ ସାହୁ ଖେଳ ପରିଚାଳନା କରିଥିଲାବେଳେ ତରଣୀ ସେନ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବ୍ରାଉନସୁଗାର ଜବତ, ଜଣେ ଗିରଫ

**କଳିଙ୍ଗନଗର,୧୫।୧୨(ଶୁଭାଶିଷ ରାଉତ)**

ଯାଜପୁର ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ କୁସୁନୁପୁର ଛକରେ ଚଢ଼ାଉ କରାଯାଇ ୪୩ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ନୂଆଗାଁ ଅଞ୍ଚଳର ପଦନ କୁମାର ଦାସ। ଅବକପକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ନାରାୟଣ ବେହେରା ଏହି ଚଢ଼ାଉ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ବାଇକରେ ବ୍ରାଉନ ସୁଗାର ବିକିବାକୁ ଆସୁଥିବା ବେଳେ ତାଙ୍କୁ କାବୁ କରିଥିଲେ। ଚଢ଼ାଉରେ ସବଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଣ୍ଡା, ଏସଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଓଳାଶୁଣୀରେ ମହାସଂକୀର୍ତ୍ତନ ସମାବେଶ

## ଗିରିବର ପରିକ୍ରମା କଲେ ୫୦୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ

**ଚଣ୍ଡିଖୋଲ,୧୫।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)**

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୭ତମ ବ୍ରହ୍ମଲୀନ ଦିବସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଓଳାଶୁଣୀ ଗୁମ୍ଫା ପାହାଡ଼ରେ ଏକ ମହାସଙ୍କୀର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୫୦୦ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ। ଓଳାଶୁଣୀ ଗୁମ୍ଫା ଉନ୍ନୟନ ପରିଷଦ ଓ ଅନନ୍ତ ବଳିଆ ଟ୍ରଷ୍ଟ ଅରିଲୋ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ବାବା ବଳିଆ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ପାହାଡ ପାଦ ଦେଶରେ ଥିବା ମା' ଓଳାଶୁଣୀଙ୍କ ପୀଠରେ ସମସ୍ତ ସଙ୍କୀର୍ତ୍ତନମଣ୍ଡଳୀ ପହଞ୍ଚିବା ପରେ ଓଳାଶୁଣୀ ମଠ ମହନ୍ତ ନାମାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ବାବା ବଳିଆ ଯୋଗଦେଇ ସମାଜକୁ ଶୃଙ୍ଖଳିତ କରିବା ଓ ଭାରତ ବର୍ଷକୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ଆଧ୍ୟାତ୍ମିକ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ।



ଏହାପରେ ଲଳିତଗିରିଠାରେ ଥିବା ସମସ୍ତ ସଙ୍କୀର୍ତ୍ତନମଣ୍ଡଳୀ ଓଳାଶୁଣୀ ଗିରିବର ପାହାଡ଼ ପରିକ୍ରମା କରିଥିଲେ। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ କେଶ ପୂଜା ପାଉଥିବା କଳ୍ପତରୁ ମହାରଣାଙ୍କ ବାସ ଭବନ ନିକଟରେ ପରିକ୍ରମା କରିଥିଲେ। ମହାପୁରୁଷଙ୍କ ପାଦୁକା ମଠ ଓ ଲଙ୍ଗୁଳୀ ମଠ ପରିକ୍ରମା ଶେଷ ହେବା ପରେ ଓଳାଶୁଣୀ ପାହାଡ ଶୀର୍ଷରେ ଅବସ୍ଥିତ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ଓ ଅନନ୍ତ ଗୁମ୍ଫା ପରିକ୍ରମା କରିଥିଲେ। ସୁମନ୍ତ ସାମଲ, ରୁଦ୍ର ନାରାୟଣ ସିଂହ, ବେବର୍ତ୍ତା ଅଜୟ ବଲଭ ଦାସ, ଅଶୋକ ସାମଲ, ଶରତ ସିଂହ, ଶ୍ରୀକାନ୍ତ ରାଉତ, ଅଶୋକ ମହାରଣା, ରତିକାନ୍ତ ସାମଲ, ଅରକ୍ଷିତ ଭୂୟାଁ ଓ ହୃଷୀକେଶ ସିଂହ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହାକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଲୋକ ରୁଣ୍ଡିଭୁତ ହେଇଥିଲେ। ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଥିଲା।

**ସମ୍ପର୍କୀୟ ଭାଉଜଙ୍କୁ ବଳାତ୍କାର, ଦିଅର ଗିରଫ**

ରାଜନଗର, (ଭାସ୍କର ରାଉତରାୟ) : ରାଜନଗର ଥାନା ଅଞ୍ଚଳରେ ଜଣେ ଦିଅର ସମ୍ପର୍କୀୟ ଭାଉଜଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସମ୍ପର୍କୀୟ ଭାଉଜ ଘରେ ଏକା ଥିବାର ସୁଯୋଗ ନେଇ ଘରେ ଦିଅର ପଶି ଯୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୬୩/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ଦିଅରଙ୍କୁ ଗିରଫ କରାଯାଇଥିବା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ଉପକୂଳରେ ହକି ଖେଳ ପ୍ରତି ବଢୁଛି ଆଗ୍ରହ

- ହକି ଖେଳାଳିଙ୍କ ମୁହଁରେ ଫୁଟିଲା ଟେନାଏ ହସ
- ମିଳୁନି ସରକାରୀ ପ୍ରୋତ୍ସାହନ
- ସହଯୋଗର ହାତ ବଢ଼ାଇଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

ମହାକାଳପଡ଼ା, ୧୫।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଲୁଣି ମାଠିଆ ଆଦିବାସୀ ଖେଳପଡ଼ିଆଠାରେ ହକି ଖେଳାଳି ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଜାତୀୟ ଖେଳ ହକି ପ୍ରତି ଆଗ୍ରହ ବଢୁଛି। ବ୍ଲକ ଅଧୀନ ସ୍ଥାନୀୟ ପେଟ୍‌ଛେଲା ପଞ୍ଚାୟତର ଲୁଣିମାଠିଆ ଆଦିବାସୀ ଯୁବତୀଯୁବକ ଖେଳାଳିମାନେ ପୂର୍ବରୁ ବାଉଁଶ ଲାଠି ଓ ଛିଣ୍ଡା ଚପଲରେ ବଲ୍ ତିଆରିକରି ଅଭ୍ୟାସ କରୁଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରସାରଣ ପରେ କେନ୍ଦ୍ରାପଡ଼ାର ସ୍ୱେଚ୍ଛାସେବୀ ସଂସ୍ଥା ଜଗନ୍ନାଥ ଚାରିଟେବଲ ଟ୍ରଷ୍ଟ କର୍ମକର୍ତ୍ତାମାନେ ଖବର ପଢ଼ି କେନ୍ଦ୍ରାପଡ଼ାରୁ ଧାଇଁ ଆସିଥିଲେ ଅନୁସୂଚିତ ଜନଜାତି ବର୍ଗର ଖେଳାଳିମାନଙ୍କ ମୁହଁରେ ଟେନାଏ ହସ ଫୁଟାଇବା ପାଇଁ। ଶୁକ୍ରବାର ଅପରାହ୍ନରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଲୁଣିମାଠିଆ ଆଦିବାସୀ ଗ୍ରାମରେ ପହଞ୍ଚି କ୍ରୀଡ଼ାସାମଗ୍ରୀ ଯଥା ହକି ଷ୍ଟିକ୍ ଓ ବଲ୍ ଆଦି ପ୍ରଦାନ କରିଥିଲେ। ଯେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ହକି ମହାକୁମ୍ଭ ଆୟୋଜନ କରି ବିଶ୍ୱର ଅନେକ ଦେଶର ଖେଳାଳିଙ୍କୁ ହକି ବିଶ୍ୱ କପରେ ଅଂଶଗ୍ରହଣ କରିବାକୁଆମନ୍ତ୍ରଣ କରାଯାଉଛି। ସେଥିରେ ଓଡ଼ିଶାର ଗାଁ ଗହଳିର ପ୍ରତିଭାବାନ ହକି ଖେଳାଳିମାନଙ୍କୁ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରୋତ୍ସାହନ ମିଳୁନାହିଁ ବୋଲି ବିଶେଷ କରି ମହିଳା ଖେଳାଳିମାନେ ଅଭିଯୋଗ କରିଛନ୍ତି। ସେମାନେ କହିବା କଥା ଆମେ ବି ସକ୍ଷମ। ଆମମାନଙ୍କୁ ଉପଯୁକ୍ତ ତାଲିମ, କ୍ରୀଡ଼ା ସରଞ୍ଜାମ ଯୋଗାଇ ଦେଲେ ଆମେ ବି ଓଡ଼ିଶାର ନେତୃତ୍ୱ ନେଇ ଦେଶ ବିଦେଶରେ ହକି ଖେଳକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିପାରିବୁ। ଏଭଳି କହିଛନ୍ତି, ଲକ୍ଷ୍ମୀ ମୁର୍ମୁ, ଲକ୍ଷ୍ମୀ ସୋରେନ, ସୋନାଲି ଟୁଡୁ, ପୁଷ୍ପା ମାଝି, ପୂଜା ମାଝି, ଲକ୍ଷ୍ମୀ ମାଝି, ଗୀତା ଟୁଡୁ, ପ୍ରଶାନ୍ତ ଟୁଡୁ, ସୁବ୍ରତ ମାଝି, ଦେବବ୍ରତ ମାଝି, ଜିତେନ୍ଦ୍ର ମାଝି, ଲକ୍ଷ୍ମଣ ହେମ୍ବ୍ରମ, ସିକିର ବାସ୍କେ, ଶିବ ମାଝି ପ୍ରମୁଖ। ଏହି ଅବସରରେ ଗ୍ରାମରେ ମୁଖିଆ ଛୋଟରାୟ ମାଝି, ୱାର୍ଡ ସଭ୍ୟ ମଧୁ ବାସ୍କେ, ମକର ମାଝି, ଦାଶରଥି ମାଝି, ପ୍ରାକ୍ତନ ସରପଞ୍ଚ ନାଥ କୁମାର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସଦସ୍ୟମାନଙ୍କ ମଧ୍ୟରେ ରଶ୍ମି ରଞ୍ଜନ ବାରିକ, ବିଭୁ ପ୍ରସାଦ ସାହୁ, ସୁପ୍ରଭା ମଲିକ ଓ ପଦ୍ମନାଭ ବେହେରା ଉପସ୍ଥିତ ଥିଲେ।

## ଚିତ୍ତକୁ ପ୍ରଫୁଲ୍ଲ ରଖେ କ୍ରୀଡ଼ା




### କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଏରସମା, ୧୫।୧୨(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧିନରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ କ୍ଷେତ୍ରବାସୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜ ପରିଚାଳନା କମିଟି ସଭାପତି ଶକ୍ତି ପ୍ରସନ୍ନ ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବା ସହ କ୍ରୀଡ଼ାରେ ମନୋନିବେଶ କଲେ ଶରୀର ବୃଦ୍ଧି ହେବା ସହ ଚିତ୍ତ ପ୍ରଫୁଲ୍ଲ ରହିବ। ଏଥିରେ ଜିଲା ପରିଷଦ ସଭ୍ୟ ପୀତବାସ ଗଛାୟତ ସମ୍ମାନିତ ଅତିଥିଭାବେ ଉପସ୍ଥିତ ହୋଇ ଯୁବ ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଜିଲା ପରିଷଦ ସଭ୍ୟ ରାନୀ ଟୁଡୁ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ କୁମାର ସ୍ୱାଇଁ, କଲେଜ ଅଧ୍ୟକ୍ଷ ଅଶୋକ କୁମାର ଗିରି, ଯୁକ୍ତ ୨ ଅଧ୍ୟକ୍ଷ ବିଭୁ ରଞ୍ଜନ ଦାସ, ମୋ କଲେଜ ସଂଯୋଜକ ପ୍ରଭାତ କୁମାର ମୁଦୁଲି, ଯୁକ୍ତ ୩ ନୋଡାଲ ଅଫିସର୍ ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ହୋଇ କ୍ରୀଡ଼ା ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପିକା, ଅଧ୍ୟାପକ,କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଡେରାବିଶ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଡେରାବିଶ, ୧୫।୧୨(ବେବର୍ତ୍ତା ଅଜୟ ଦାସ)


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ପ୍ରଶାସନିକ ଅଧିକାରୀ।

ଆସନ୍ତା ୨୩ରୁ ୩୧ତାରିଖ ପର୍ଯ୍ୟନ୍ତ ଡେରାବିଶ ମିନି ଷ୍ଟାଡିୟମଠାରେ ୯ଦିନ ବ୍ୟାପୀ ଦ୍ୱାଦଶତମ ବାର୍ଷିକ ଡେରାବିଶ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବ୍ଲକ ଅଧୀନ ଗୋଲରାହଟ ପଞ୍ଚାୟତ ତିଲକପୁରଠାରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ଡେରାବିଶ ସାଂସ୍କୃତିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର ସଭାପତି ଡ. ଭକ୍ତକବି ଦାସ ଅଧ୍ୟକ୍ଷତା କରି ଅଞ୍ଚଳର ଅବକ୍ଷୟ ମୁଖି ସଂସ୍କୃତି, ପରମ୍ପରା ଓ ବୈଭବକୁ ଉଦ୍‌ଜୀବିତ ରଖିବାକୁ ଦୀର୍ଘ ୧୧ବର୍ଷ ଧରି ଏହି ମହୋତ୍ସବ ଏକ ଆନ୍ଦୋଳନରେ ପରିଣତ ହେବା ସହ ଲୋକଙ୍କ ମଧ୍ୟରେ ଏକ ସାଂସ୍କୃତିକ ଜାଗରଣ ସୃଷ୍ଟି କରିଛି ବୋଲି ଡ. ଦାସ କହିଥିଲେ। ଅଞ୍ଚଳବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବ ଅତି ସଫଳତାର ସହ ପହଞ୍ଚି ଥିବା ବେଳେ ଚଳିତବର୍ଷ ୯ଦିନ ଧରି ଅନୁଷ୍ଠିତ ମହୋତ୍ସବକୁ କିଭଳି ସଫଳ ରୂପାୟନ କରାଯାଇପାରିବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ବୈଠକରେ ସଙ୍ଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଚଳିତ ମହୋତ୍ସବର ରୂପରେଖ ବିଷୟରେ ଆଲୋକପାତ କରାଇଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ, ଡେରାବିଶ ବିଡିଓ ଦାଶରଥି ଜେନା, ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ପ୍ରାଧ୍ୟାପକ ଅଜୟ କୁମାର ରାଉତ ଓ ବିଦ୍ୟୁତ୍ ବିଭାଗ ଏଜିଏମ୍ ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଅଧିକ ସରସ ସୁନ୍ଦର ଓ ମନୋରଞ୍ଜନ ଧର୍ମୀ କରିଯିବ ସେନେଇ ଆଲୋଚନା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଏଡିଭିଓ ଡା. ପ୍ରଭଞ୍ଜନ କବି, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ ରଞ୍ଜନ ବେହେରା, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଡେରାବିଶ ଥାନା ଏଏସ୍‌ଆଇ ମେନେକା ତ୍ରିପାଠୀ, ଅଗ୍ନିଶମ କର୍ମଚାରୀ ଦେବାଶିଷ ସାହୁଙ୍କ ସମେତ ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ସମେତ ସଙ୍ଗଠନର କର୍ମକର୍ତ୍ତା ଓ ଜିଲା ପ୍ରଶାସନର ବହୁ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ସଙ୍ଗଠନର ଉପସଭାପତି ମହେନ୍ଦ୍ର କୁମାର ସିଂ ଧନ୍ୟବାଦ ଦେଇଥିଲେ।

## ଡେରାବିଶ କଲେଜରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ




ଡେରାବିଶ, ୧୫।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ କଲେଜରେ ଶୁକ୍ରବାର ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ମେଗା ରକ୍ତଦାନ ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ରକ୍ତଦାନ ଶିବିରକୁ କଲେଜର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏସ୍‌ସିବି ମେଡ଼ିକାଲ୍ କଲେଜ ବ୍ଲଡ ବ୍ୟାଙ୍କର ଡା. ଦେବୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କଠାରୁ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି, ଅଶ୍ୱିନୀ କୁମାର ପୃଷ୍ଟି, ବିକ୍ରମ କୁମାର ମହନ୍ତି, ଅଧ୍ୟାପକ ଧନେଶ୍ୱର ନାୟକ, ବୃନ୍ଦାବନ ଦାସ, ନଗେନ୍ଦ୍ରନାଥ ପାଣି, ବିଶ୍ୱଜିତ ସାହୁ, ସଞ୍ଜୟ କୁମାର ମିଶ୍ର, ଗୁରୁଚରଣ ସେଠୀ, ଡା. କିଶୋର କୁମାର ବେଦାନ୍ତ, ଡା.ପ୍ରଜ୍ଞା ପଟ୍ଟନାୟକ, ରଘୁନାଥ ସାହୁ, ଡା. ସନ୍ଦିପ ବଳ, ଡା. କିଶୋର ଚନ୍ଦ୍ର ମଲିକ, ଡା. ରୁଦ୍ରାଙ୍ଗି ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ।

## ଶିକ୍ଷକ ନିଯୁକ୍ତି ଦାବିରେ ବିଇଓ କାର୍ଯ୍ୟାଳୟରେ ଗଣଧାରଣା

ପଟ୍ଟାମୁଣ୍ଡାଇ, ୧୫।୧୨ (କଳ୍ପତରୁ ନାୟକ)


ଜିଲା ଶିକ୍ଷାଧିକାରିଣୀ, ବିଇଓ ଓ ଧାରଣାରତ ଗ୍ରାମବାସୀ ଆଲୋଚନା କରୁଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦକ୍ଷିଣେଶ୍ୱର ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି କରି ଶୁକ୍ରବାର କାଠିଆପଡ଼ା ଗ୍ରାମର ଅଧିବାସୀ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସ୍କୁଲରେ ନୂତନ ଶିକ୍ଷକ ନିଯୁକ୍ତି ଦାବିରେ ସେମାନେ ଧାରଣାରେ ବସିଥିଲେ। କଠିଆପଡା ଦକ୍ଷିଣେଶ୍ୱର ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଏଲିମେଟାରି ଓ ନବମ ଦଶମ ଶ୍ରେଣୀରେ ମୋଟ ୩୫୭ ଜଣ ପିଲା ପାଠ ପଢୁଛନ୍ତି। ନବମ, ଦଶମ ଶ୍ରେଣୀରେ ୨୦୨ ପିଲା ପାଠ ପଢୁଛନ୍ତି। ନବମ, ଦଶମ ହାଇସ୍କୁଲରେ ୫ ଜଣ ଶିକ୍ଷକ (ଓବିସନାଲ )ଧନ୍ଦାମୂଳକ ଶିକ୍ଷକ ୨ ଜଣଙ୍କୁ ନେଇ ୭ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ଷଷ୍ଠରୁ ଅଷ୍ଟମ (ଏଲିମେଟାରି) ୧୫୫ ଜଣ ପିଲାଙ୍କୁ ଜଣେ ଶିକ୍ଷକ ପାଠ ପଢାଉଛନ୍ତି। ଏହି ଏଲିମେଟାରି କ୍ଲାସ ପାଇଁ ୪ଜଣ ଶିକ୍ଷକ ନିଯୁକ୍ତି ହୋଇଥିଲେ। କିଛିମାସ ତଳେ ୨ ଜଣଙ୍କ ପ୍ରମୋଶନ ପରେ ଅନ୍ୟତ୍ର ବଦଳି କରାଯାଇଛି। ସେପ୍ଟେମ୍ବରରେଜଣେ ଶିକ୍ଷକଙ୍କୁ ମହନପୁର ପ୍ରାଥମିକ ସ୍କୁଲକୁ ଡେପୁଟେଶନରେ ପଠାଯାଇଛି। ଫଳରେ ୩ ଟି ଶ୍ରେଣୀ ୧୫୫ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଯାହାକୁ ନେଇ ଅଭିଭାବକ ଓ ସ୍କୁଲ କମିଟି ସଦସ୍ୟ ଦୋଳଗୋବିନ୍ଦ ସାହୁ, ପ୍ରଶାନ୍ତ ସିଂହ, ଶଶି ପଣ୍ଡା, ସରୋଜ ପଣ୍ଡା, ଅଶୋକ ନାୟକ, ଦୀପକ ଦାଶ, ନିରଞ୍ଜନ ସାହୁ, ବାସନ୍ତୀ ସାହୁ, ସସ୍ମିତା ପରିଡ଼ା, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ସସ୍ମିତା ପଣ୍ଡା, ପ୍ରତିମା ଦାସ, ସସ୍ମିତା ନାୟକ, ଲୋପାମୁଦ୍ରା ଦାଶ ପ୍ରମୁଖ ବହୁ ଅଭିଭାବକ ଧାରଣା ଦେଇଥିଲେ। ଶିକ୍ଷକ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ଖବର ପାଇ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ପହଞ୍ଚି ଅଭିଭାବକମାନେ ତଳେ ଧାରଣାରେ ବସିଥିବା ବେଳେ ଡିଇଓ ଶୁଭଲକ୍ଷ୍ମୀ ନାୟକ, ବିଇଓ ଦଳାଇ ଚେଆର ଟେବୁଲ ଉପରେ ବସି କଥା ହେବାରୁ ଧାରଣାକାରୀ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ୨୦ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଗରେ ପଦକ୍ଷେପ ନିଆଯିବ ବୋଲି ଡିଇଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସନ୍ତୋଷ


@ ଗୋକୁଳ


@ ସତ୍ୟବ୍ରତ


@ ଶିବାଶିଷ


@ ଚନ୍ଦ୍ରକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗଣ୍ଡଗୋଳ ଘଟଣାରେ ୩ ଗିରଫ

ରାଜନଗର, ୧୫।୧୨ (ଭାସ୍କର ରାଉତରାୟ)

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନଭେମ୍ବର ୨୯ରେ ଡାକ୍ତରଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଘଟଣାରେ ରାଜନଗର ପୋଲିସ ଗୁରୁବାର ରାତିରେ ଆଉ ୩ଜଣଙ୍କୁ ଗିରଫ କରିଛି। ଏହାକୁ ମିଶାଇ ଗିରଫ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ରାଜନଗର ପୋଲିସର ସୂଚନା ମୁତାବକ, ଗୁରୁବାର ରାତିରେ ପୋଲିସ ଏହି ଘଟଣାରେ କାଙ୍କଦିଆ ଗାଁର ପ୍ରକାଶ ମଲ୍ଲିକ, ବଡମରିଚାପଲ୍ଲୀ ଗାଁର ଅକ୍ଷୟ କୁମାର ପ୍ରଧାନ ଓ କୃଷ୍ଣଚନ୍ଦ୍ର ରାଉତଙ୍କୁ ଗିରଫ କରାଯାଇଛି। ୩ ଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏହି ଗଣ୍ଡଗୋଳ ଘଟଣାରେ ମୁନା ପାଳଙ୍କ ସମେତ ୭ଜଣ ସମ୍ପୃକ୍ତ ଥିବା କୁହାଯାଉଛି। ୧୨ ତାରିଖରେ ପୋଲିସ କୋଇଲିପୁର ଗାଁ ବଶିଷ୍ଠ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ସ୍କ୍ୱାଡ୍ ଓ ରାଜନଗର ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ।

## ୫-୪ରେ ଜିତି ଫାଇନାଲ୍‌ରେ କ୍ରିଷ୍ଣାନନ୍ଦପୁର ଟିମ୍

### ହରିଅଙ୍କରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଡେରାବିଶ, ୧୫।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ଜୟଦୁର୍ଗା ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ୨୫ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ଜଗତସିଂହପୁର ଜିଲାର କ୍ରୀଷ୍ଣାନନ୍ଦପୁର ଫୁଟବଲ୍ ଟିମ୍ ଓ କଟକ ଜିଲାର ବରହମପୁର ଫୁଟବଲ୍ ଟିମ୍ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରୀତ ସମୟ ଭିତରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖା ଗୋଲ୍ ଦେଇ ସମାନ ସ୍ଥିତିରେ ରହିବା ପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ତେବେ ଏଥିରେ କ୍ରିଷ୍ଟାନନ୍ଦପୁର ୫-୪ ଗୋଲ୍‌ରେ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଆସୋସିଏଶନ୍‌ର ସଭାପତି ନୃସିଂହ ଚରଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ପ୍ରାଧ୍ୟାପକ ଅଜୟ ରାଉତ, ସାମାଜିକ କର୍ମୀ ମନିଷା ପଣ୍ଡା, ଗୋଲଖ ସ୍ୱାଇଁ, ଅଲେଖ ବେଜ ଓ ଅଭୟ ମଳିକ ଯୋଗଦେଇଥିଲେ। ମ୍ୟାଚ୍‌ରେ ରେଫରୀ ଭାବେ ସୁଶାନ୍ତ ବିଶ୍ୱାଳ, ଜିତେନ୍ଦ୍ର ବାରିକ, ଅକ୍ଷୟ ହେମ୍ବ୍ରମ୍ ଓ ସୁଶାନ୍ତ ସାହୁ ଖେଳ ପରିଚାଳନା କରିଥଲେ। ବିଶ୍ୱରଞ୍ଜନ ସାମଲ ମ୍ୟାଚର ଧାରାବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଉପସଭାପତି ବାବୁଲି ସ୍ୱାଇଁ ତଥା ସାଇସଙ୍କର ଇଲେକ୍ଟ୍ରିକାଲ୍ ପକ୍ଷରୁ ପ୍ରଦତ୍ତ ମ୍ୟାନ୍ ଅଫ ମ୍ୟାଚ୍ ପୁରସ୍କାର ବରହମପୁର ଟିମ୍‌ର ଖେଳାଳିଙ୍କୁ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଆଥଲେଟିକ୍ ଆସୋସିଏଶନର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ମା’ ରାମଚଣ୍ଡୀ ମନ୍ଦିର ପରିଚାଳନାରେ ତ୍ରୁଟି

- ଟ୍ରଷ୍ଟି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ କଲା ସେନା
- ଅଡିଟ, ତଦନ୍ତ ପାଇଁ ଦେବୋତ୍ତର ବିଭାଗ ନିରୀକ୍ଷକଙ୍କୁ ଦାବିପତ୍ର

ମହାକାଳପଡ଼ା, ୧୫।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ମା’ ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ନିରୀକ୍ଷକଙ୍କୁ ସେନା ପକ୍ଷରୁ ଦାବି ପତ୍ର ଦିଆଯାଉଛି।

କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଶକ୍ତିପୀଠ ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ରାମନଗରସ୍ଥିତ ଦରିଆପାରି ମା’ ରାମଚଣ୍ଡୀ ମନ୍ଦିର ଅବସ୍ଥିତ। ତତ୍କାଳୀନ କୁଜଙ୍ଗ ଷଣ୍ଢ ବଂଶୀୟ ରାଜାଙ୍କ ଦ୍ୱାରା ଘଞ୍ଚ ବଣ ଜଙ୍ଗଲ ଘେରା ମଧ୍ୟରେ ମା’ଙ୍କ ମନ୍ଦିରକୁ ୧୭୩୭ରେ ସ୍ଥାପନ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଉକ୍ତ ମନ୍ଦିରର ଦୈନିକ ନୀତିକାନ୍ତି ପାଇଁ ରାଜା ପୂଜାପଣ୍ଡା, ସେବାୟତ, ଶତାଧିକ ଏକର ଜମି ଖଞ୍ଜି ଦେଇଥିଲେ। ରାଜତନ୍ତ୍ର ବିଲୋପ ପରେ ଗଣତନ୍ତ୍ର ପ୍ରତିଷ୍ଠା ହେବା ପରେ ଏହାକୁ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ହାତକୁ ଯାଇଥିଲା। ପରେ ମନ୍ଦିର ସୁପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ କାର୍ଯ୍ୟ କରୁଛି। ଟ୍ରଷ୍ଟ ବୋର୍ଡ ୧୦ବର୍ଷରୁ ଅଧିକ ସମୟ ମନ୍ଦିର ପରିଚାଳନା ଦାୟିତ୍ୱରେ ରହିଛି। ଉକ୍ତ ସମୟ ମଧ୍ୟରେ ମା’ଙ୍କ ଯାନି ଯାତ୍ରାରୁ ଆୟ, ପର୍ବ ପର୍ବାଣିରେ ମିଳୁଥିବା ରାଜସ୍ୱ ଅର୍ଥକୁ ଟ୍ରଷ୍ଟି ମନଇଚ୍ଛା ଖର୍ଚ୍ଚ କରୁଥିବା ମା’ ରାମଚଣ୍ଡୀ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଶୁକ୍ରବାର ଦେବୋତ୍ତର ବିଭାଗ ନିରୀକ୍ଷକ ଶକ୍ତି ପ୍ରସନ୍ନ ନାୟକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ କହିବା କଥା ମା’ଙ୍କ ବାର୍ଷିକ ଉତ୍ସବ ଝାମୁଯାତ୍ରାରୁ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ ହୋଇଥାଏ। ତେବେ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଟ୍ରଷ୍ଟି ମଥୁରୀ ଚରଣ ସେନାପତି ଉକ୍ତ ଅର୍ଥକୁ ପରିଚାଳନା କମିଟି ସଦସ୍ୟମାନଙ୍କୁ ନ ପଚାରି ବ୍ୟାଙ୍କ ଜମାଖାତାରେ ଟଙ୍କା ଜମା କରିନାହାନ୍ତି। ଏଥିସହ ଆୟ ବ୍ୟୟ ହିସାବ ନ ଦେବା ଭଳି ଏକ ସଙ୍ଗିନ ଅଭିଯୋଗ କରିଛନ୍ତି। ସେହିପରି ମା’ଙ୍କ ବେଢ଼ାରେ ଥିବା ଦାନ ବାକ୍ସରେ ଶ୍ରଦ୍ଧାଳୁମାନେ ମା’ଙ୍କ ମନ୍ଦିର ଉନ୍ନତି ପାଇଁ ଦାନ କରିଥାନ୍ତି। ନିୟମ ଅନୁସାରେ ସ୍ଥାନୀୟ ପୋଲିସ, ମା’ଙ୍କ ପୂଜା ପଣ୍ଡା, ସ୍ଥାନୀୟ ତହସିଲଦାର ଓ ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ହୁଣ୍ଡି ବାକ୍ସ ଖୋଲାଯାଇ ଗଣାଯିବାର ବ୍ୟବସ୍ଥା ଥିଲେ ମଧ୍ୟ ଟ୍ରଷ୍ଟି ସେନାପତି କିପରି ନିଜେ ଖୋଲି ଦାନ ଅର୍ଥ ନେବା ଭଳି ଅଭିଯୋଗ ସଦସ୍ୟ ମିଲନ କୁମାର ଦେବନାଥ ନିରୀକ୍ଷକ ନାୟକଙ୍କୁ ଜଣାଇଛନ୍ତି। ଅପରପକ୍ଷରେ ଏହି ଟ୍ରଷ୍ଟ ବୋର୍ଡ ପୂର୍ବରୁ ଦାୟିତ୍ୱରେ ଥିବା ଟ୍ରଷ୍ଟିଙ୍କ ପକ୍ଷରୁ ମା’ଙ୍କ ବ୍ୟାଙ୍କ ଜମା ଖାତାରେ ୯ ଲକ୍ଷ ଟଙ୍କା ସ୍ଥାୟୀ ଜମା କରାଯାଇଛି। ଏ ସଂକ୍ରାନ୍ତରେ ଅଦ୍ୟାବଧି ମା’ଙ୍କ ବ୍ୟାଙ୍କ ଜମା ଖାତାରେ ୪ ଲକ୍ଷ ଟଙ୍କା ଜମା ହୋଇଥିବା ଟ୍ରଷ୍ଟି ମଥୁରୀ ଚରଣ ସେନାପତି କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ ମା’ ପର୍ବପର୍ବାଣି, ଜମିରୁ ଅମଳ ହେଉଥିବା ଧାନ, ଭୋଗ ଦୋକାନ, ଦୋକାନ ଭଡ଼ାରୁ ମିଳୁଥିବା ଅର୍ଥ ଯାଉଛି କୁଆଡ଼େ ବୋଲି ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି। ଏ ସଂକ୍ରାନ୍ତରେ ଶୁକ୍ରବାର ମନ୍ଦିର ପରିସରରେ ଥିବା ଟ୍ରଷ୍ଟି କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଦେବୋତ୍ତର ବିଭାଗ ନିରୀକ୍ଷକ ନାୟକଙ୍କୁ ପଚାରିବାରେ ପ୍ରତି ମାସ ପ୍ରଥମ ରବିବାର ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ବୈଠକ ହେବ। ସେନା ଆବାହକ ସ୍ୱାଇଁଙ୍କଠାରୁ ଲିଖିତ ଅଭିଯୋଗ ମିଳିଛି। ଏହାକୁ ଭିତ୍ତି କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରାଇବା ସହ ଖୁବ୍‌ଶୀଘ୍ର ତଦନ୍ତ ଓ ଅଡିଟ୍ କରାଯିବ ବୋଲି ସେ କହିଛନ୍ତି।

# କଟକଣା ସତ୍ତ୍ୱେ ରାସ୍ତାରେ ଗୋରୁ ବୁଲୁଛନ୍ତି

■ ୪ ହଜାର ଆଦାୟରେ ଅଟକି ଯାଇଛି ଜରିମାନା
■ ଡାକବାଜି ଯନ୍ତ୍ର ଯୋଗେ ସଚେତନତା କାମ କଲାନି
■ ଅଟକ ପରେ ଗଣ୍ଡଗୋଳ କରି ଛଡ଼ାଇ ନେଉଛନ୍ତି ଗୋରୁ ମାଲିକ
■ ଚଢ଼ାଉକୁ ଜୋର୍‌ଦାର କରିବାକୁ ମ୍ୟୁନିସିପାଲିଟିର ନିଷ୍ପତ୍ତି

ନୟାଗଡ଼,୧୫।୧୨(ଲୋକନାଥ ମିଶ୍ର)

ନୟାଗଡ଼ ସହରର ରାସ୍ତାରେ ଗାଈଗୋରୁ ବୁଲିବା କଟକଣା ସତ୍ତ୍ୱେ ବନ୍ଦ ହେଉନି। ମାଲିକମାନେ ନୟାଗଡ଼ ମ୍ୟୁନିସିପାଲିଟିର କଟକଣାକୁ ଅଣଦେଖା କରି ଗୋରୁଙ୍କୁ ରାସ୍ତାରେ ବୁଲିବାକୁ ଛାଡ଼ ଦେଉଛନ୍ତି। ଏପରିକି ମ୍ୟୁନିସିପାଲିଟି କର୍ମଚାରୀ ଅଟକ ରଖିଥିବା ଗୋରୁଙ୍କୁ ମାଲିକ ଗଣ୍ଡଗୋଳ କରି ଛଡ଼ାଇ ନେଉଥିବା ନଜିର ବି ରହିଲାଣି। ଅନ୍ୟପକ୍ଷେ ୪ ହଜାର ଆଦାୟରେ ଅଟକି ଯାଇଛି ମ୍ୟୁନିସିପାଲିଟିର ଜରିମାନା ଆଦାୟ। ମ୍ୟୁନିସିପାଲିଟି ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଗୋରୁଙ୍କ ଉପରେ ଲାଗିଥିବା କଟକଣାର ସଚେତନତା କାମ ନ କରିବା ପରି ମନେ ହେଉଛି। ଏଭଳିସ୍ଥଳେ ରାସ୍ତାରେ ବୁଲୁଥିବା ଗୋରୁଙ୍କ ଉପରେ ଚଢ଼ାଉକୁ ଜୋରଦାର କରିବାକୁ ମ୍ୟୁନିସିପାଲିଟି ନିଷ୍ପତ୍ତି ନେଇଛି।

ଜିଲା ସଦର ମହକୁମାରେ ଥିବା ନୟାଗଡ଼ ମ୍ୟୁନିସିପାଲିଟିରେ ଗୋରୁ ଓ କୁକୁର ରାସ୍ତାଘାଟରେ ସବୁବେଳେ ବୁଲୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସହର ମଧ୍ୟ ଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଓ ୨୧ ନଂ. ନୟାଗଡ ନାଉଖାଲ ରାଜ୍ୟ ରାଜପଥ ଯାଇଛି। ଉଭୟ ରାଜପଥରେ ମଧ୍ୟରେ ଗୋରୁ ଓ କୁକୁରଙ୍କ ଉତ୍ପାଦ ଲାଗି ରହିଛି। ଗୋରୁ ମାଲିକମାନେ କ୍ଷୀର ଦୁହିଁ ଗାଈକୁ ଛାଡ଼ି ଦେଉଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ ବାରମ୍ବାର ତାଗିଦ୍ ପରେ ସୁଫଳ ମିଳି ନ ଥିଲା। ଶେଷରେ ବିପର୍ଯ୍ୟସ୍ତ ଟ୍ରାଫିକ୍‌କୁ ସୁଧାରିବାକୁ ମ୍ୟୁନିସିପାଲିଟି ଉଦ୍ୟମ କରିଛି। ରାସ୍ତାରେ ଗୋରୁ ବୁଲିଲେ ସେମାନଙ୍କୁ ଉଦ୍ଧାର କରି ଗୋଶାଳାରେ


ନୟାଗଡ଼ କଲେଜ ସମ୍ମୁଖ ୨୧ ନଂ. ରାଜ୍ୟ ରାଜପଥ ଉପରେ ଗୋରୁ ଶୋଇଛନ୍ତି।

ରଖାଯିବ। ଗୋ ମାଲିକ ଜରିମାନା ଦେଲେ ଛଡ଼ାଯିବ। କେହି ଦାବିଦାର ନ ଥିଲେ ବିକ୍ରି ବି କରାଯିବ। ଗୋରୁଙ୍କ ଉପରେ ଲାଗିଥିବା କଟକଣା ନେଇ ମ୍ୟୁନିସିପାଲିଟି ପକ୍ଷରୁ ସଚେତନତା ମଧ୍ୟ କରାଯାଇଛି। ସଫେଇ ଗାଡ଼ିରେ ମ୍ୟୁନିସିପାଲିଟି ପକ୍ଷରୁ ଗତ ଅକ୍ଟୋବର ମାସରେ ପ୍ରଚାର କରାଯାଇଥିଲା। ଅନ୍ୟପକ୍ଷେ ଅକ୍ଟୋବର ୨୦ରେ ମ୍ୟୁନିସିପାଲିଟି ପକ୍ଷରୁ କରାଯାଇଥିବା କାଉନସିଲ ବୈଠକରେ ରାସ୍ତାରେ ବୁଲୁଥିବା ଗୋରୁଙ୍କ ଉପରେ କଟକଣା ଲାଗୁ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅକ୍ଟୋବର ଯାଇ ଡିସେମ୍ବର ମାସ ହୋଇଛି। ଆଉ କିଛିଦିନ ଗଲେ ୨୦୨୪ ନୂଆବର୍ଷ ଆସିବ। ତେବେ ୫୭ ନଂ. ଜାତୀୟ ରାଜପଥ, ନୟାଗଡ଼ ନାଉଖାଲ ରାସ୍ତା, ସହରର ଗଳି କନ୍ଦିରେ ଗୋରୁ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ରାସ୍ତାରେ ଗୋରୁଙ୍କ ବିଚରଣକୁ ଅନୁଧ୍ୟାନ କଲେ ନୟାଗଡ଼ ମ୍ୟୁନିସିପାଲିଟିର ପ୍ରଚାର ଗୋ ମାଲିକଙ୍କ ଉପରେ କିଛି ପ୍ରଭାବ ପକାଇ ନ ଥିବା ଅନୁମାନ କରାଯାଉଛି। ଏ ନେଇ ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ରଙ୍କୁ ପଚାରିବାରେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ସୁଧାରିବାକୁ ଯାଇ ଗୋରୁଙ୍କ ଉପରେ ଲଗାମ ଲଗାଇବାକୁ ନିଷ୍ପତ୍ତି ହୋଇଛି। ରାସ୍ତାରୁ ଗୋରୁ ହଟିଲେ ଟ୍ରାଫିକ୍ ବିଶୃଙ୍ଖଳା ଦୂର ହେବ ବୋଲି ଆଶା କରାଯାଉଛି। ଗୋ ମାଲିକଙ୍କୁ ଏ ନେଇ ସଚେତନତା କରାଯାଇ କଟକଣାକୁ ଲାଗୁ କରାଯାଇଛି। ଏପରିକି ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଗୋରୁଙ୍କୁ ରାସ୍ତାରୁ ହଟାଇବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଆମ କର୍ମଚାରୀ ଗୋରୁ ଜବତ କଲେ ଆମେ ଫାଇନ ଆଦାୟ କରିବୁ। ନ ହେଲେ ଗୋଶାଳାରେ ଛାଡ଼ିବୁ। ଧୀରେ ଧୀରେ ଏହାର ସଫଳତା ମିଳିବ ବୋଲି ସେ କହିଛନ୍ତି। ସହର ବାସିନ୍ଦା ବିପିନ ସାହୁ କହିଛନ୍ତି, ଗୋରୁ କଟକଣା ଉପରେ ମ୍ୟୁନିସିପାଲିଟି ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହେଲେ ଗୋରୁଙ୍କ ଉପରେ ଲାଗିଥିବା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଦରକାର। କାରଣ ବିଭିନ୍ନ ସମୟରେ ଗୋରୁଙ୍କ ଉପରେ ଲାଗିଥିବା କଟକଣା ଚାପରେ ଚେପା ହୋଇ ପୁଣି ନିୟମ ବାଟବଣା ହୋଇଯାଇଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସନ୍ତୋଷ


@ ଗୋକୁଳ


@ ସତ୍ୟବ୍ରତ


@ ଶିବାଶିଷ


@ ଚନ୍ଦ୍ରକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ


ଶିଶୁ ଉତ୍ସବ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅତିଥି ବୃନ୍ଦ।

ନୂଆଗାଁ, ୧୫।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଓଷ୍ଟା ପକ୍ଷରୁ ଶୁକ୍ରବାର ଡିମିରିଝରି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ୨୨ ଗୋଟି ପଞ୍ଚାୟତରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିଶୁ ଉତ୍ସବରେ ତର୍କ, ଗଳ୍ପ ଲିଖନ, କବିତା ଲିଖନ, ଚିତ୍ରାଙ୍କନ, ସାଧାରଣଜ୍ଞାନ,ଏକକ ଅଭିନୟ ଏବଂ ଏକକ ନୃତ୍ୟ ଆଦି ୧୦ଟି ପ୍ରତିଯୋଗିତା କରାଯାଇଥିବା ବେଳେ ସେଥିରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ଉତ୍ସବ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଓଷ୍ଟା ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବଡଗୋଠ ସରପଞ୍ଚ ପ୍ରତିନିଧି ବନମାଳି ନାୟକ, ସମିତି ସଭ୍ୟା ପ୍ରତିନିଧି ସନ୍ତୋଷ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଦାଶରଥି ମହାରଣା, ଶିକ୍ଷକ ବିନାୟକ ପରିଡା, ସୁଧୀର କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଗାଁ ବ୍ଲକ ଓଷ୍ଟା ସଭାପତି ଭିକାରୀ ଚରଣ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ସାଇବର ସୁରକ୍ଷା,ଠକେଇ ଉପରେ କର୍ମଶାଳା

ନୟାଗଡ଼,୧୫।୧୨(ଲୋକନାଥ ମିଶ୍ର)

ନୟାଗଡ଼ର ମଡେଲ ଡିଗ୍ରୀ କଲେଜଠାରେ ନୂଆ ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ସାଇବର ସୁରକ୍ଷା, ଠକେଇ ଓ ଏହା ନିରୋଧକ ବିଭିନ୍ନ ଉପାୟ ସଂକ୍ରାନ୍ତୀୟ ସଭା ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମାନସ ରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ କହିଥିଲେ, ଛାତ୍ରଛାତ୍ରୀମାନେ କର୍ମଶାଳାରୁ ବିଶେଷ ଜ୍ଞାନ ଅର୍ଜନ କରି ନିଜ ଅଭିଭାବକ ଏବଂ ପରିଜନଙ୍କୁ ଏହାର ଭୟାଭୟତା ବିଷୟରେ ଅବଗତ କରନ୍ତୁ। ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରଙ୍କ ସାଇବର ଏକ୍ସପର୍ଟ ଲିଙ୍ଗରାଜ ସେଠୀ ଯୋଗଦେଇ ସାଇବର ଅପରାଧର ଭିନ୍ନ ଭିନ୍ନ ଦିଗ ବିଷୟରେ ବୁଝାଇ ଫେସ୍‌ବୁକ୍, ଇନଷ୍ଟାଗ୍ରାମ, ଟୁଇଟର ଇତ୍ୟାଦି ସତର୍କତାର ସହ ବ୍ୟବହାର କରିବା ଦରକାର। ସେହିଭଳି ଓଟିପି ଠକେଇ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ମନରେ ଉଠିଥିବା ବିଭିନ୍ନ ପ୍ରଶ୍ନକୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସମାଧାନ କରିଥିଲେ। ସୁନୀଲ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଗୌରମୋହନ ସାହୁ, ଜୟରାମ ସିଂହ ସାମଲ, ଜ୍ୟୋତ୍ସ୍ନାରାଣୀ କର, ବିଜୟିନୀ ଶୁଭଦର୍ଶିନୀ, ପ୍ରକାଶ ସାହୁ ଓ ଦୀପିକାରାଣୀ ଟୁରୁକ ପ୍ରମୁଖ ଉପସ୍ଥିତ ଥିଲେ।


କର୍ମଶାଳାରେ ଉପସ୍ଥିତ ଏସ୍‌ପି ରାହୁଲ ଜୈନ ଓ ଅଧିକାରୀମାନେ।

## ମହାବିଦ୍ୟାଳୟରେ ନୂଆ ଓ ଫୁଟବଲ, ସାଂସ୍କୃତିକ ପ୍ରତିଯୋଗିତା

ଶରଣକୁଳ,୧୫।୧୨ (ଦୀପକ କର)

ଶରଣକୂଳ ମହାବିଦ୍ୟାଳୟରେ ନୂଆ ଓ ଅଧୀନରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କର ଫୁଟବଲ ପ୍ରତିଯୋଗିତା ଏବଂ କବିତା ଆବୃତ୍ତି, ଓଡ଼ିଆ, ଇଂରାଜି ବକ୍ତୃତା ଓ ଏକକ ଅଭିନୟ ଆଦି ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗଦେଇ ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଶରଣକୁଳ ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ରଥ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଙ୍କ ୪ ଟି ଦଳ ଏବଂ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀମାନଙ୍କ ୨ଟି ଲେଖାଏ ଦଳ ଫୁଟବଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପରେ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ମଧ୍ୟରେ ଏକ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ନୂଆ ଓ ର ନୋଡାଲ ଅଧିକାରୀ ବିଭୂତି ଭୂଷଣ ବେହେରା, କ୍ରୀଡା ବିଭାଗ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ନାରାୟଣ ପ୍ରଧାନ, ଅଜୟ କୁମାର ମହାରଣା, କ୍ରୀଡା ଶିକ୍ଷକ ମନୋରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପକ ପୀତବାସ ବିଶ୍ୱାଳ, ଦୁର୍ଗାଚରଣ ନାୟକ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ମନୋଦିନୀ ଦଳବେହେରା, ଶୁଭଶ୍ରୀ ସାହୁ, ରୋଜାଲିନ ରଥ, ସସ୍ମିତାରାଣୀ ଦାଶ ଆଦି ପରିଚାଳନା କରିଥିଲେ। ଏଥିରେ ଶିକ୍ଷାର୍ଥୀମାନେ ସ୍ୱରଚିତ କବିତା ଆବୃତ୍ତି କରିବା, ନାଟକ ରଚନା ସହ ଏକକ ଅଭିନୟ କରି ନିଜର ସୃଜନଶୀଳ ପ୍ରତିଭାର ପରିପ୍ରକାଶ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ବ୍ୟାଟେରିଚାଳିତ ୩ ଚକିଆ ସାଇକେଲ ବଣ୍ଟନ

ନୟାଗଡ଼,୧୫।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନୂଆଗାଁ ବ୍ଲକ ନନ୍ଦଭୂଇଁ ଗ୍ରାମର କିଶୋର ଚନ୍ଦ୍ର ନାୟକଙ୍କୁ ଏକ ବ୍ୟାଟେରି ଚାଳିତ ୩ ଚକିଆ ସାଇକେଲ ଜିଲାପାଳ ରବୀନ୍ଦ୍ରନାଥ ସାହୁ ଶୁକ୍ରବାର ପ୍ରଦାନ କରିଛନ୍ତି। ନାୟକ ବର୍ତ୍ତମାନ ନୂଆଗାଁ ବ୍ଲକରେ ସମଗ୍ର ଶିକ୍ଷା ବିଭାଗ ଅଧୀନରେ ଜଣେ ସମନ୍ୱିତ ଶିକ୍ଷା ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ଅଛନ୍ତି। ଶିକ୍ଷା କ୍ଷେତ୍ରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ସରକାରୀ ସାହାର୍ଯ୍ୟ, ଗମନାଗମନ ସୁବିଧା ଏବଂ ସାଇକେଲଟି ନାୟକଙ୍କୁ ବହୁଳ ଭାବେ ସହାୟକ ହେବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର ଏବଂ ଉକ୍ତ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଦେଉଛନ୍ତି।

## ଦୁର୍ଘଟଣାରେ ୩ ଗୁରୁତର

ଖଣ୍ଡପଡ଼ା,୧୫।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଗଡ଼ିଆସାହି ଫାଣ୍ଡି ଅଧୀନ ଖଳିସାହି-କୋସ୍‌କା ରାସ୍ତାର ବେଡ଼ାକି ଗ୍ରାମ ନିକଟସ୍ଥ ବୁଲାଣିରେ ଶୁକ୍ରବାର ଧାନ କଳେଇ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସହ ଏକ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଯାତ୍ରା କରୁଥିବା ୩ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ୩ଜଣ ଯୁବକ ବାଇକ୍ ଯୋଗେ ଖଳିସାହିରୁ ରୟତଢୋଲମରା ଗ୍ରାମ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ବାଇକ୍‌ରେ ଯାତ୍ରା କରୁଥିବା ୩ ଯୁବକ ରାସ୍ତାକଡ଼କୁ ଛିଟିକି ପଡ଼ିବା ଗୁରୁତର ଆହତ ହୋଇଥିଲା। ସେମାନେ ହେଲେ ଖଣ୍ଡପଡ଼ା ବ୍ଲକ ଅଧୀନ ରୟତଢୋଲମରା ଗାଁର ଚିନ୍ମୟ ସ୍ୱାଇଁ, ଅମର ସ୍ୱାଇଁ ଓ ଦିଲୀପ କୁମାର ସ୍ୱାଇଁ ବୋଲି ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିନ୍ମୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ଼ ଜଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ହାତୀଠାରୁ ଲୋକଙ୍କୁ ସୁରକ୍ଷା ଦିଅ

**ଗଜ ସାଥୀ ପ୍ରଶିକ୍ଷଣ ଶିବିର**

ନୂଆଗାଁ, ୧୫।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନ ସଂପଡ଼ା ମେଗା ନର୍ସରୀ ପରିସରରେ ଶୁକ୍ରବାର ଗଜ ସାଥୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ହାତୀମାନଙ୍କ ସୁରକ୍ଷା ନିମନ୍ତେ ଗଜ ସାଥୀ ପ୍ରଶିକ୍ଷଣ ଶିବିର ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପାର୍ଥସାରଥି ମଲ୍ଲିକ, ଫାଲଗୁନୀ ମଲ୍ଲିକ, ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ନୟାଗଡ଼ ଜିଲାର ବିଭିନ୍ନ ବନ ସଂରକ୍ଷଣ ସମିତିରୁ ଆସିଥିବା ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ଗଜ ସାଥୀମାନଙ୍କୁ ତାଲିମ୍ ଦିଆଯାଇଥିଲା। ଜଙ୍ଗଲରେ ହାତୀମାନଙ୍କ ସୁରକ୍ଷା ସାଙ୍ଗକୁ ହାତୀମାନଙ୍କଠାରୁ ଜନ ସାଧାରଣଙ୍କୁ ସୁରକ୍ଷା ଦେବା ସମ୍ପର୍କରେ ବିଭିନ୍ନ ଆଲୋଚନା କରାଯାଇଥିଲା। ଗଜ ସାଥୀମାନେ କିଭଳି ନିଜକୁ ସୁରକ୍ଷିତ ରଖି ହାତୀମାନଙ୍କ ଗତିବିଧି ପ୍ରତି ଲକ୍ଷ୍ୟ ରଖିବେ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା। ପ୍ରତି ମୁହୂର୍ତ୍ତରେ ହାତୀମାନଙ୍କ ଗତି ବିଧି ସମ୍ପର୍କରେ ବନ ବିଭାଗ କର୍ମଚାରୀଙ୍କ ନିକଟରେ ସୂଚନା ପହଞ୍ଚାଇ ପାରିଲେ ଜନସାଧାରଣ ନିରାପଦ ରହିବା ସହ ହାତୀମାନେ ମଧ୍ୟ ସୁରକ୍ଷିତ ରହିପାରିବେ ବୋଲି ଅଧିକାରୀମାନେ କହିଥିଲେ। ଶିବିରରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ନୟାଗଡ଼ ବନଖଣ୍ଡର ସମସ୍ତ ଏସିଏଫ୍, ରେଞ୍ଜରଙ୍କ ସମେତ ସମସ୍ତ ଫରେଷ୍ଟର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିରରେ ଅଧିକାରୀଙ୍କ ସହ ଗଜ ସାଥୀ ଓ ଅନ୍ୟମାନେ।

## ଜିଲାପାଳଙ୍କୁ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି

**ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ବିପୁଳ ଶାଳଗଛ କଟାଯିବା ଘଟଣା**

■ ଖବର ପ୍ରକାଶ ପରେ ରେଞ୍ଜର, ରାଜସ୍ୱ ବିଭାଗ କର୍ମଚାରୀ ଘଟଣା ତଦନ୍ତ
■ ଜବରଦଖଲକାରୀଙ୍କ କବ୍‌ଜାରେ ଅଢେଇ ଏକରରୁ ଊର୍ଦ୍ଧ୍ୱ ଜମି

ନୂଆଗାଁ,୧୫।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ଓ ରଗଡିମଡ଼ା ମୌଜା ଅଧୀନ ବେଲବଣି ଗ୍ରାମ ନିକଟରେ ଫାର୍ମ ହାଉସ୍ କରିବାକୁ ବିପୁଳ ପରିମାଣର ଶାଳଗଛ କାଟି ଦିଆଯାଇଛି। ଏ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ରାଜସ୍ୱ ବିଭାଗ ଚୁପ୍ ବସିଛି।

ନୂଆଗାଁ ତହସିଲ ମହିତମା ରାଜସ୍ୱ କାର୍ଯ୍ୟାଳୟ ରଗଡିମଡ଼ା ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ଅନେକ ଜାଗା ଜବରଦଖଲ କରିବା ସହ ଉକ୍ତ ଜାଗାରେ ଥିବା ୨୦ରୁ ଉର୍ଦ୍ଧ୍ୱ ଶାଳ ଗଛ କଟାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ମହିପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅମ୍ରିତ୍ କୁମାର ସାହୁ, ମହିତମା ଫରେଷ୍ଟର ମୀନକେତନ ନାୟକ, ନୂଆଗାଁ ତହସିଲ ସୁପରଭାଇଜର ପ୍ରମୋଦ କୁମାର ବେହେରା, ମହିତମା ରାଜସ୍ୱ ନିରୀକ୍ଷକ ରଶ୍ମିତା ମଳିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏସିଏଫ୍ ସାହୁ ପୂର୍ବରୁ ଜାଗାର ମାଲିକ ଥିବା ଦୟା ମହାପାତ୍ରଙ୍କୁ ଡାକି ଜମି ପଟ୍ଟା ଦେଖିଥିଲେ। ଯେଉଁ ଜାଗାରୁ ଏତେ ସବୁ ଗଛ କଟାଯାଇଛି ସେସବୁ ଜାଗା ମୋର ନ ଥିଲା। ମୁଁ ୧୯୮୧ମସିହାରେ ପଡିଆପଟ୍ଟା ଜମି ଭାବେ ପାଇଥିବା ୧.୨୦ ଏକର ଜାଗା ବିକ୍ରି କରି ଦଖଲ ଦେଇଥିଲି। କିନ୍ତୁ ସେ ତାହାଠାରୁ ଅଧିକ ଜାଗା ଦଖଲ କରି ସେଥିରୁ ଗଛ କାଟିଥିବା ଦୟା ମହାପାତ୍ର କହିଥିଲେ। ସୁପରଭାଇଜର ବେହେରା ମ୍ୟାପ୍ ଦେଖିବାରେ ଦଖଲକାରୀ ୧.୨୦ ଏକର ଜାଗା କିଣିଥିବା ବେଳେ ପ୍ରାୟ ଅଢେଇ ଏକରରୁ ଅଧିକ ଜାଗା ଦଖଲ କରି ଗଛ କାଟିଥିବା କହିଥିଲେ। ତଦନ୍ତ କରି ଫେରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲାପାଳଙ୍କ ନିର୍ଦ୍ଦେଶ ଦେବାର ୫ଦିନ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କାର୍ଯ୍ୟାନୁଷ୍ଠାନ ଗ୍ରହଣ ବାବଦରେ ତହସିଲଦାର ନାୟକଙ୍କୁ ପଚାରିବାରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପରଭାଇଜର ବେହେରାଙ୍କୁ ଫୋନ ଯୋଗେ କହିଥିଲେ।


ଘଟଣାସ୍ଥଳରେ ରାଜସ୍ୱ ବିଭାଗ କର୍ମଚାରୀ ତଦନ୍ତ କରୁଛନ୍ତି।

